# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 13 January – 2026

*********************************

## ମୁଖ୍ୟ ସମ୍ବାଦ

- ବିକଶିତ ଭାରତ ଗଠନ ପାଇଁ ନିଶାମୁକ୍ତ ଯୁବଶକ୍ତି ଲକ୍ଷ୍ୟ ହାସଲ କରିବା ଜରୁରୀ; କହିଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ

— ନିଶାମୁକ୍ତ କ୍ୟାମ୍ପସ୍ ଅଭିଯାନରେ ସାମିଲ ହେବେ ୧୬ ଲକ୍ଷ ଶିକ୍ଷାନୁଷ୍ଠାନ

- କେନ୍ଦୁଝରରେ ଆଜି ୧ ହଜାର ୯୦୦ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ମୂଲ୍ୟର ୭୧ଟି ପ୍ରକଳ୍ପର ଲୋକାର୍ପଣ ଓ ଶିଳାନ୍ୟାସ କରିବେ ମୁଖ୍ୟମନ୍ତ୍ରୀ
- 'ଆମେ ପଢ଼ିବା ଆମ ଭାଷାରେ' କାର୍ଯ୍ୟକ୍ରମର ଶୁଭାରମ୍ଭ କଲେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା
- ପଞ୍ଚାୟତ ଓ ପୌର ନିର୍ବାଚନ ପାଇଁ ସମ୍ବଲପୁରରେ ପ୍ରାକ୍ ପ୍ରସ୍ତୁତି ବୈଠକ

ଏବଂ

- ରାଜ୍ୟରେ ଆସନ୍ତା ୧୮ ତାରିଖରେ ସୁଭଦ୍ରା ହିତାଧିକାରୀଙ୍କୁ ମିଳିବ ସହାୟତାରାଶି

# ମୁଖ୍ୟମନ୍ତ୍ରୀ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଦୁଇଦିନିଆ ଗସ୍ତରେ କେନ୍ଦୁଝରରେ ପହଞ୍ଚିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଧରଣୀଧର ବିଶ୍ୱବିଦ୍ୟାଳୟରେ ଆୟୋଜିତ ବିଶାଳ ଜନସଭାରେ ଯୋଗଦେଇ ଜିଲ୍ଲାର ଉନ୍ନତି ପାଇଁ ୧ ହଜାର ୭୦୮ କୋଟି ଟଙ୍କା ବ୍ୟୟରେ ୩୫ଟି ଉନ୍ନୟନମୂଳକ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରୁଛନ୍ତି। ଏହା ସହ ଅପରାହ୍ଣରେ ୧୯୩ କୋଟି ୫୬ ଲକ୍ଷ ଟଙ୍କା ବ୍ୟୟରେ ୩୬ଟି ବିଭିନ୍ନ ପ୍ରକଳ୍ପର ଲୋକାର୍ପଣ କରିବାର କାର୍ଯ୍ୟସୂଚୀ ରହିଛି। ଅପରାହ୍ଣରେ ମୁଖ୍ୟମନ୍ତ୍ରୀ ବିପ୍ଳବୀ ଧରଣୀଧରଙ୍କ ଜୀବନୀ ଉପରେ ଆଧାରିତ ଏକ ନାଟକର ଉଦ୍‌ଯାପନୀ ଦିବସରେ ଯୋଗଦେବେ।

# ବାଲ୍ୟବିବାହ-ପ୍ରଭାତୀ ପରିଡା

ସରକାର ଓ ସମାଜର ପ୍ରତ୍ୟକ୍ଷ ସମନ୍ୱୟରେ ବାଲ୍ୟବିବାହମୁକ୍ତ ଓଡ଼ିଶା ଗଠନ ସମ୍ଭବ ହୋଇପାରିବ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା କହିଛନ୍ତି। ଭୁବନେଶ୍ୱର ସ୍ଥିତ ଲୋକସେବା ଭବନ ସମ୍ମିଳନୀ କକ୍ଷରେ ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ଆଜି ଆୟୋଜିତ ରାଜ୍ୟସ୍ତରୀୟ ୧୦୦ ଦିନିଆ ବାଲ୍ୟବିବାହ ମୁକ୍ତ ଅଭିଯାନର ଶୁଭାରମ୍ଭ କରି ଉପମୁଖ୍ୟମନ୍ତ୍ରୀ କହିଛନ୍ତି, ଅଙ୍ଗନୱାଡୀ ଦିଦି ଓ ସାମୂହିକ ଶିକ୍ଷା ମାଧ୍ୟମରେ

ରାଜ୍ୟକୁ ବାଲ୍ୟବିବାହମୁକ୍ତ କରିହେବ। ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ଆଜି ଆଭାସୀ ମାଧ୍ୟମରେ ବିବାହିତାଙ୍କୁ ସହଯୋଗ ପ୍ରଦାନ କରିବା ଲକ୍ଷ୍ୟ ନେଇ ସରକାରଙ୍କ ଆକାଂକ୍ଷୀ ଅଭିଯାନ ମାଧ୍ୟମରେ 'ଆମେ ପଢ଼ିବା ଆମ ଭାଷାରେ' କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି। କାର୍ଯ୍ୟକ୍ରମ ମାଧ୍ୟମରେ ୨୧ଟି ଜନଜାତୀୟ ମାତୃଭାଷାରେ ଅଙ୍ଗନବାଡୀ କେନ୍ଦ୍ରରେ ଶିଶୁମାନଙ୍କୁ ପ୍ରାରମ୍ଭିକ ଶିକ୍ଷା ପ୍ରଦାନ କରାଯିବ। ବିଭିନ୍ନ ସମସ୍ୟାକୁ ଦୃଢ଼ତାର ସହ ସମାଧାନ କରିବାକୁ ସରକାର ପ୍ରତିବଦ୍ଧ ଏବଂ ଏହାର କ୍ରିୟାନ୍ୱୟନ କରିବା ସମସ୍ତଙ୍କ ଦାୟିତ୍ୱ ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି।

ଅଙ୍ଗନୱାଡୀ କର୍ମୀମାନେ ପ୍ରତ୍ୟେକ ମୁହୂର୍ତ୍ତରେ ଲୋକପ୍ରିୟ ଏବଂ ସୂଚନାଧର୍ମୀ କାର୍ଯ୍ୟରେ ନିୟୋଜିତ ରହି ତୃଣମୂଳସ୍ତରରେ ପରିବର୍ତ୍ତନର ଦୂତ ଭାବରେ କାର୍ଯ୍ୟ କରୁଛନ୍ତି। ଅଙ୍ଗନୱାଡୀ କେନ୍ଦ୍ରଗୁଡ଼ିକୁ ସକ୍ଷମ କେନ୍ଦ୍ରଭାବେ ଗଢ଼ିତୋଳିବାରେ କର୍ମୀମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଉନ୍ନତ ଭିତ୍ତିଭୂମି, ଉତ୍ତମ କାର୍ଯ୍ୟ ପରିବେଶ ଏବଂ ଏକ ସ୍ପନ୍ଦନଶୀଳ ଓଡ଼ିଶା ଗଠନ ପାଇଁ ମହିଳାମାନଙ୍କ ଯୋଗଦାନ ଅପରିହାର୍ଯ୍ୟ। ବିକଶିତ ଓଡ଼ିଶାରେ କୋଟିଏ ମହିଳା ସଶକ୍ତ ହୋଇ ରାଜ୍ୟକୁ ସମୃଦ୍ଧ ପଥରେ ଆଗେଇ ନେବେ ବୋଲି ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା କହିଛନ୍ତି।

**- V/O - (**ପ୍ରଭାତୀ ପରିଡା**)**

ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ବରଗଡ଼ ଜିଲ୍ଲା ବରପାଲିରେ ରାଜ୍ୟ ମହିଳା ଓ ଶିଶୁ ପ୍ରତିଷ୍ଠାନ ଏବଂ ବୌଦ୍ଧ ଓ କନ୍ଧମାଳରେ ଷ୍ଟାଫ୍ କ୍ୱାଟରର ଉଦ୍‌ଘାଟନ କରିଛନ୍ତି।

## ନିର୍ବାଚନ ପ୍ରସ୍ତୁତି ବୈଠକ

ଆଗାମୀ ପଂଚାୟତ ଓ ପୌର ନିର୍ବାଚନ ପାଇଁ ସମ୍ବଲପୁରରେ ରାଜ୍ୟ ନିର୍ବାଚନ କମିଶନର ମଧୁସୂଦନ ପାଢ଼ୀଙ୍କ ଅଧକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଉତ୍ତରାଞ୍ଚଳ ରାଜସ୍ୱ କମିଶନରଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକରେ ୨୦୨୭ ପଂଚାୟତ ନିର୍ବାଚନକୁ ଦୃଷ୍ଟିରେ ରଖି ଆଲୋଚନା ହୋଇଛି। ଏଥିରେ ନିର୍ଭୁଲ ଭୋଟର ତାଲିକା ପ୍ରସ୍ତୁତି, ବାଲାଟ୍ ବକ୍ସ ମହଜୁଦ ନେଇ ଜିଲ୍ଲାପାଳ-ଉପଜିଲ୍ଲାପାଳ ତଥା ରିଟର୍ଣ୍ଣିଂ ଅଧିକାରୀମାନଙ୍କୁ ପଦକ୍ଷେପ ନେବାକୁ ଶ୍ରୀ ପାଢ଼ୀ ପରାମର୍ଶ ଦେଇଛନ୍ତି। ପୋଲିଂ ବୁଥ୍‌ର ସ୍ଥାନ ଚୟନ, ବାଲାଟ୍ ପେପରର ପ୍ରିଣ୍ଟିଂ, ଅଣବ୍ୟବହୃତ ଇଭିଏମ୍‌ଗୁଡ଼ିକୁ ରାଜ୍ୟ ନିର୍ବାଚନ କମିଶନକୁ ଫେରସ୍ତ ଆଦି ନେଇ ଆଲୋଚନା ହୋଇଥିବା ଆମ ସମ୍ବାଦଦାତା ଜଣାଇଛନ୍ତି।

## ସୁଭଦ୍ରା ମେଳା

ସୁଭଦ୍ରା ଯୋଜନାର ହିତାଧିକାରୀମାନଙ୍କୁ ଆସନ୍ତା ୧୮ ତାରିଖ ରବିବାର ଦିନ ସହାୟତାରାଶି ପ୍ରଦାନ କରାଯିବ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା କହିଛନ୍ତି। ଏହି ପର୍ଯ୍ୟାୟରେ ମୋଟ୍ ୪ ଲକ୍ଷ ୫୭ ହଜାର ୬୮୧ ଜଣ ହିତାଧିକାରୀଙ୍କୁ ୨୫୦ କୋଟି ଟଙ୍କାର ସହାୟତାରାଶି ପ୍ରଦାନ କରାଯିବ।

ଏଥିମଧ୍ୟରେ ନୂଆ ୧ ଲକ୍ଷ ୭୮ ହଜାର ୩୯୮ ଜଣ ରହିଛନ୍ତି। ସେହିଭଳି ପ୍ରଥମ ଓ ଦ୍ୱିତୀୟ କିସ୍ତିରୁ ବାଦ୍ ପଡିଥିବା ୨ ଲକ୍ଷ ୫୫ ହଜାର ୨୬୫ ଜଣଙ୍କୁ ସାମିଲ କରାଯାଇଛି। ଉଭୟ ନୂଆ ଏବଂ ପ୍ରଥମ ଓ ଦ୍ୱିତୀୟ କିସ୍ତିରୁ ବାଦ୍ ପଡିଥିବା ହିତାଧିକାରୀ ଏକାସଙ୍ଗେ ଦୁଇଟି ଲେଖାଏଁ କିସ୍ତି ପାଇବେ। ଏହାସହ ଅଭିଯୋଗ ଶୁଣାଣିରେ ୨୪ ହଜାର ୧୮ ଜଣ ହିତାଧିକାରୀଙ୍କୁ ଯୋଜନାରେ ସାମିଲ କରାଯାଇଛି ବୋଲି ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା କହିଛନ୍ତି।

## ଜଣ୍ଡିସ୍

ରାଜ୍ୟରେ ବିଦ୍ୟାଳୟଗୁଡ଼ିକରେ କାମଳ ରୋଗ ନିରାକରଣ ପାଇଁ ଜିଲ୍ଲା ଶିକ୍ଷା ଅଧିକାରୀମାନଙ୍କୁ ସତର୍କ ରହିବା ଲାଗି ନିର୍ଦ୍ଦେଶ ଦିଆଯିବ ବୋଲି ବିଦ୍ୟାଳୟ ଓ ଗଣଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି। ସଂପ୍ରତି ଖୋର୍ଦ୍ଧା ଜିଲ୍ଲାର ଏକ ସ୍କୁଲରେ ଜଣ୍ଡିସ୍ ବ୍ୟାପିବା ଜଣାପଡିବା ପରେ ରାଜ୍ୟ ସରକାର ବିଦ୍ୟାଳୟଗୁଡ଼ିକରେ ଜଣ୍ଡିସ୍ ନିରାକରଣ ପାଇଁ ପଦକ୍ଷେପ ନେବା ଆରମ୍ଭ କରିଛନ୍ତି। ମନ୍ତ୍ରୀ ଶ୍ରୀ ଗଣ୍ଡ କହିଛନ୍ତି, ଆବଶ୍ୟକ ପଡିଲେ ସ୍ୱାସ୍ଥ୍ୟ ବିଭାଗର ସହାୟତା ନିଆଯିବ।

## ସଚେତନତା ଶିବିର

**ଭଦ୍ରକ** ସ୍ୱୟଂଶାସିତ ମହାବିଦ୍ୟାଳୟଠାରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଆର୍ଥିକ ସାକ୍ଷରତା, ଅନ୍ତର୍ଭୁକ୍ତୀକରଣ ଏବଂ ସାଇବର ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଦୁର୍ଗାଶଙ୍କର ଦାସ କାର୍ଯ୍ୟକ୍ରମରେ ଯୋଗଦେଇ ଆର୍ଥିକ ସାକ୍ଷର ସମାଜ ଗଢ଼ିତୋଳିବା ଓ ସାଇବର ଅପରାଧୀଙ୍କ ଠକେଇରୁ ବର୍ତ୍ତିବା ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ୪୦ ଜଣ

ଛାତ୍ରଛାତ୍ରୀଙ୍କୁ ଆର୍ଥିକ ସାକ୍ଷରତା ସ୍ୱେଚ୍ଛାସେବୀ ଓ ସଞ୍ଚୟ ସାଥି ଭାବେ ଘୋଷଣା କରାଯାଇଛି ।

## ବିଜ୍ଞାନମେଳା

**ଭଦ୍ରକ** ଜିଲ୍ଲା ବାସୁଦେବପୁର ବ୍ଲକ୍ ବେତଡା ପଞ୍ଚାୟତ ହାଇସ୍କୁଲରେ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ ପକ୍ଷରୁ ସାଧାରଣଜ୍ଞାନ ପ୍ରତିଯୋଗିତା ଓ ବିଜ୍ଞାନମେଳା ଅନୁଷ୍ଠିତ ହୋଇଯାଇଛି । ମେଳାରେ ବିଭିନ୍ନ ପ୍ରକଳ୍ପରେ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା ।

# ଶ୍ରୀଜୀଉଙ୍କ ସ୍ୱତନ୍ତ୍ର ନୀତିକାନ୍ତି

ପୁରୀ ଶ୍ରୀମନ୍ଦିରରେ ଆସନ୍ତାକାଲି ମକର ସଂକ୍ରାନ୍ତି ଅବସରରେ ଶ୍ରୀଜୀଉଙ୍କର ସ୍ୱତନ୍ତ୍ର ନୀତିକାନ୍ତି ଅନୁଷ୍ଠିତ ହେବ। ତେବେ ଆଜି ଠାକୁରଙ୍କର ନବାଙ୍କ ବେଶ ସହିତ ଚାଉଳ ମେଳାଣ ଓ ଫୁଲ ମେଳାଣ ଉତ୍ସବ ଅନୁଷ୍ଠିତ ହେବ। ସନ୍ଧ୍ୟା ଆଳତୀ ପରେ ଠାକୁରଙ୍କୁ ଖୁଣ୍ଟିଆ ଓ ପୁଷ୍ପାଳକ ସେବକ ଏହି ବେଶରେ ସଜ୍ଜିତ କରିବେ। ଗତ ଧନୁସଂକ୍ରାନ୍ତିଠାରୁ ଆରମ୍ଭ ହୋଇଥିବା ମହାପ୍ରଭୁଙ୍କ ପହିଲି ଭୋଗ ନୀତି ଆଜି ଶେଷ ହେଉଛି ।

# ମତଦାତା ଦିବସ

ଆସନ୍ତା ୨୫ ତାରିଖ ଜାତୀୟ ମତଦାତା ଦିବସ ପାଳନ ପରିପ୍ରେକ୍ଷୀରେ ରାଜ୍ୟର ଯୁବପିଢ଼ିଙ୍କ ମଧ୍ୟରେ ଭୋଟ୍‌ଦାନର ମହତ୍ତ୍ୱକୁ ବୃଦ୍ଧି କରିବା ଲକ୍ଷ୍ୟ ନେଇ ଏକ ସଚେତନତା ପ୍ରତିଯୋଗିତା ଆରମ୍ଭ କରାଯାଇଛି । ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ପକ୍ଷରୁ "ମତଦାନ ଭଳି କିଛି ନାହିଁ-ମୁଁ

ନିଶ୍ଚିତ ଭୋଟ୍ ଦେଉଛି” ଶୀର୍ଷକ  ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବାର ଆବେଦନ ପ୍ରକ୍ରିୟାକୁ ଆସନ୍ତା ୧୫ ତାରିଖକୁ ଧାର୍ଯ୍ୟ କରାଯାଇଛି । ୨୦୦୬ ଜାନୁଆରୀ ପହିଲାରୁ ୨୦୧୦ ଜାନୁଆରୀ ୨୫ ତାରିଖ ମଧ୍ୟରେ ଜନ୍ମଗ୍ରହଣ କରିଥିବା ଯୁବକ ଯୁବତୀ ଏହି ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିପାରିବେ ବୋଲି ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡ଼ିଛି ।

## ଫକୀର ମୋହନ ସେନାପତି ଜୟନ୍ତୀ

ବ୍ୟାସକବି ଫକୀର ମୋହନ ସେନାପତିଙ୍କ ଜୟନ୍ତୀ ଅବସରରେ ରାଜ୍ୟବାସୀ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛନ୍ତି। ୧୮୪୩ ମସିହା ଜାନୁଆରୀ ୧୩ ତାରିଖ ଆଜିର ଦିନରେ ଜନ୍ମଗ୍ରହଣ କରିଥିବା ଫକୀର ମୋହନ ସେନାପତି ଏକାଧାରରେ ଗାଳ୍ପିକ, ଲେଖକ, କବି ଓ ସମାଜ ସଂସ୍କାରକ ଥିଲେ।

ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି ଓଡ଼ିଆ ସାହିତ୍ୟର କଥାସମ୍ରାଟ ବ୍ୟାସକବି ଫକୀର ମୋହନ ସେନାପତିଙ୍କୁ ଜୟନ୍ତୀ ଅବସରରେ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସ୍ୱର୍ଗତ ସେନାପତିଙ୍କୁ  ଶ୍ରଦ୍ଧାଞ୍ଜଳି ଜଣାଇ କହିଛନ୍ତି, ବ୍ୟାସକବି ଫକୀର ମୋହନ ସେନାପତି ଆଧୁନିକ ଓଡ଼ିଆ ଭାଷା ସାହିତ୍ୟର ଜନକ ଥିଲେ।